# ଅନୁବାଦନିୟମାବଳୀ

୧ । ପ୍ରଥମେ ବାକ୍ୟକୁ ପଢ଼ି କର୍ତ୍ତା, କ୍ରିୟା ଏବଂ ଅନ୍ୟାନ୍ୟ ବିଭକ୍ତିକୁ ଚିହ୍ନିବା ଦରକାର ।

୨ । ପୁରୁଷ ବଚନ ଅନୁସାରେ କ୍ରିୟାପଦ ବ୍ୟବହାର କରାଯିବ ।

୩ । ବିଶେଷ୍ୟ ପଦର ଲିଙ୍ଗ ବିଭକ୍ତି ବଚନ ଅନୁସାରେ ବିଶେଷଣ ପଦ ବ୍ୟବହାର କରିବ ।

୪ । ବାକ୍ୟରେ କେଉଁ ଶବ୍ଦ ବା ଧାତୁ ଯୋଗେ କେଉଁଠାରେ କେଉଁ ବିଭକ୍ତି ହୁଏ ସ୍ଥିର ରହିବ ।

(ଯଥା – ବିନା, ପ୍ରତି, ଅନୁଯୋଗେ ୨ୟା; ଦାନ, ଧାର ଯୋଗେ ୪ର୍ଥୀ)

୫ । ଯୁଷ୍ମଦ୍, ଅସ୍ମଦ୍ ଶବ୍ଦର, ୨ୟା, ୪ର୍ଥୀ ଓ ୬ଷ୍ଠୀ ବିଭକ୍ତିରେ ବିକଳ୍ପ ରୂପ ବାକ୍ୟର ଆରମ୍ଭରେ ଏବଂ ସମ୍ବୋଧନ ପଦ ପରେ ରହେ ନାହିଁ ।

(ଯଥା– ତ୍ୱା, ବାମ୍, ବଃ, ତେ, ମା, ନୌ, ନଃ, ମେ)

୬ । ପାତ୍ର, ସ୍ଥାନ, ପ୍ରମାଣ, ଭାଜନ, ଭୂଷଣ, ନିଦାନ, କାରଣ, ଆସ୍ପଦ ପ୍ରଭୃତି ଶବ୍ଦ ବିଶେଷଣ ରୂପେ ବ୍ୟବହୃତ ହେଲେ ମଧ୍ୟ ସେମାନଙ୍କର ଲିଙ୍ଗରେ କୌଣସି ପରିବର୍ତ୍ତନ ହୁଏ ନାହିଁ । ଏସବୁ ଅଜହଲ୍ଲିଙ୍ଗ । ନପୁଂସକ ଏକବଚନ ରୂପେ ଏମାନଙ୍କର ପ୍ରୟୋଗ ହୁଏ ।

୭ । ଓଡିଆ ଭାଷାରେ ପ୍ରଚଳିତ ସରଳ ସାଧୁଶବ୍ଦ (ତତ୍ସମଶବ୍ଦ)କୁ ସଂସ୍କୃତ ଅନୁବାଦରେ ଅଗ୍ରାଧିକାର ଦେବା ଉଚିତ । ଅପ୍ରଚଳିତ, କଷ୍ଟ, ଦୁର୍ବୋଧ ଶବ୍ଦ ପ୍ରୟୋଗ ଯଥାସମ୍ଭବ କମ୍ ହେବା ଦରକାର ।

## ସଂସ୍କୃତାନୁବାଦ ଅଭ୍ୟାସ

୧ । ପିଲାମାନେ ସତ କୁହନ୍ତି । – ବାଳକାଃ ସତ୍ୟଂ ବଦନ୍ତି ।

୨ । ସେଠାରେ ବହୁତ ଫୁଲଗଛ ଅଛି । – ତତ୍ର ବହବଃ ପୁଷ୍ପବୃକ୍ଷାଃ ସନ୍ତି ।

୩ । ମୁନିମାନେ ଆଶ୍ରମରେ ଅଛନ୍ତି । – ମୁନୟଃ ଆଶ୍ରମେ ସନ୍ତି ।

୪ । ହରିର ସାନ ଭାଇ ଦଶମ ଶ୍ରେଣୀରେ ପଢୁଛି । – ହରେଃ ଅନୁଜଃ ଦଶମବର୍ଗେ ପଠତି ।

୫ । ମୃଗଗୁଡ଼ିକ ଏଣେତେଣେ ବୁଲୁଛନ୍ତି । – ମୃଗାଃ ଇତସ୍ତତଃ ଭ୍ରମନ୍ତି ।

୬ । ହରିଶ୍ଚନ୍ଦ୍ର ବୋଲି ଜଣେ ରାଜା ଥିଲେ । – ହରିଶ୍ଚନ୍ଦ୍ରଃ ଇତି ଏକଃ ରାଜା ଆସୀତ୍ ।

୭ । ଆପଣମାନଙ୍କ ଘର କେଉଁଠି ? – ଭବତାଂ ଗୃହଂ କୁତ୍ର ?

୮ । ସ୍କୁଲ ଲାଇବ୍ରେରୀରେ ପିଲାମାନେ ପଢ଼ନ୍ତି । – ବିଦ୍ୟାଳୟସ୍ୟ ପାଠାଗାରେ ବାଳକାଃ ପଠନ୍ତି ।

୯ । ତୁମେ କାଲି କୁଆଡ଼େ ଯିବ ? – ତ୍ୱଂ ଶ୍ୱଃ କୁତ୍ର ଗମିଷ୍ୟସି ?

୧୦ । ମୁଁ କାଲି ଗାଁକୁ ଯାଇଥିଲି । – ଅହଂ ହ୍ୟଃ ଗ୍ରାମଂ ଗତବାନ୍ / ଗତବତୀ ।

୧୧ । କାଲି କାମ ଆଜି କର । – ଶ୍ୱଃ କାର୍ଯ୍ୟମ୍ ଅଦ୍ୟ କୁରୁ ।

୧୨ । ଝିଅଟି କାହାଣୀ ପଢୁଛି । – ବାଳିକା ଆଖ୍ୟାନଂ ପଠତି ।

୧୩। ଓଡ଼ିଶାର ଲୋକମାନେ ଭାତ ଖାଆନ୍ତି । – ଉତ୍କଳୀୟାଃ ଓଦନଂ ଖାଦନ୍ତି।

୧୪। ନେତାମାନେ ବର୍ତ୍ତମାନ ଗାଁକୁ ଗାଁ ବୁଲିବେ । – ନେତାରଃ ଅଧୁନା ପ୍ରତିଗ୍ରାମଂ ଭ୍ରମିଷ୍ୟନ୍ତି।

୧୫। ମନ୍ଦିର ଚାରିପଟେ ଉଦ୍ୟାନ ଅଛି । – ମନ୍ଦିରଂ ପରିତଃ ଉଦ୍ୟାନମ୍ ଅସ୍ତି।

୧୬। ଗାଁ ପାଖରେ ନଦୀ ବହୁଛି । – ଗ୍ରାମଂ ନିକଷା ନଦୀ ବହତି।

୧୭। ପିଲାଟି ଶେଯରେ ଶୋଇଛି । – ବାଳକଃ ଶଯ୍ୟାମ୍ ଅଧିଶେତେ।

୧୮। ଭକ୍ତମାନେ ସକାଳେ ସନ୍ଧ୍ୟାରେ ମନ୍ଦିର ଯାଆନ୍ତି । – ଭକ୍ତାଃ ପ୍ରାତଃ ସାୟଂ ଚ ମନ୍ଦିରଂ ଗଚ୍ଛନ୍ତି।

୧୯। ବୁଢ଼ା ଲୋକଟି ଏହି ଘରେ ରହୁଛି । – ବୃଦ୍ଧଃ ଅସ୍ମିନ୍ ଗୃହେ ତିଷ୍ଠତି।

୨୦। ଗରିବ ଲୋକଟି ଘରେ ଉପବାସରେ ଅଛି । – ଦରିଦ୍ରଃ ଗୃହେ ଉପବସତି।

୨୧। ମା' ପଛରେ ପିଲାମାନେ ଧାଉଁଥିଲେ । – ମାତରମ୍ ଅନୁ ଶିଶବଃ ଧାବନ୍ତି ସ୍ମ।

୨୨। ଗଛର ତଳକୁ ତଳ ଫୁଲଗୁଡ଼ିଏ ଫୁଟିଛି । – ବୃକ୍ଷମ୍ ଅଧୋଽଧଃ ପୁଷ୍ପାଣି ବିକସନ୍ତି।

୨୩। ଗାଁର ସବୁଆଡେ ଅଶାନ୍ତି ଦେଖାଦେଇଛି । – ଗ୍ରାମଂ ସର୍ବତଃ ଅଶାନ୍ତିଃ ଦୃଶ୍ୟତେ।

୨୪। ନିଜ ଦେଶରେ ରାଜା ପୂଜା ପାଏ । – ସ୍ୱଦେଶେ ପୂଜ୍ୟତେ ରାଜା।

୨୫। ବିଦ୍ୱାନ୍ ସବୁଠି ପୂଜା ପାଏ । – ବିଦ୍ୱାନ୍ ସର୍ବତ୍ର ପୂଜ୍ୟତେ।

୨୬। ଦେଶର ସବୁଆଡ଼େ ବର୍ତ୍ତମାନ ବର୍ଷା ନାହିଁ । – ଦେଶଂ ସର୍ବତଃ ଅଧୁନା ବୃଷ୍ଟିଃ ନାସ୍ତି।

୨୭। ମୋ ପଛରେ ତୁମେ ଆସ । – ମାମ୍ ଅନୁ ତ୍ୱମ୍ ଆଗଚ୍ଛ।

୨୮। ରୋଗୀଟି ବିଛଣାରେ ଶୋଇଛି । – ରୋଗୀ କଟେ ଶେତେ।

୨୯। ମୁଁ ସନ୍ଧ୍ୟା ବେଳେ ସେଠାକୁ ଯାଇଥିଲି । – ଅହଂ ସାୟଂ କାଳେ ତତ୍ର ଗତବାନ୍।

୩୦। ଗୁରୁନିନ୍ଦକକୁ ଧିକ୍ । – ଗୁରୁନିନ୍ଦକଂ ଧିକ୍।

୩୧। ଆମେ ଏ ବର୍ଷ ପୁରୀ ଯିବୁ । – ବୟମ୍ ଐଷମଃ ପୁରୀଂ ଗମିଷ୍ୟାମଃ।

୩୨। ତୁମେ କାଲି କୁଆଡେ ଯାଇଥିଲ ? – ତ୍ୱଂ ହ୍ୟଃ କୁତ୍ର ଅଗଚ୍ଛଃ ?

୩୩। ଖେଳ ପଡ଼ିଆ ମଝିରେ ସେମାନେ ଖେଳୁଥିଲେ । – କ୍ରୀଡ଼ାଙ୍ଗନମ୍ ଅନ୍ତରା ତେ କ୍ରୀଡ଼ନ୍ତି ସ୍ମ।

୩୪। ପତ୍ର ଗୁଡ଼ିକ ଗଛରୁ ଝଡୁଛି । – ପତ୍ରାଣି ବୃକ୍ଷାତ୍ ପତନ୍ତି।

୩୫। ପରିବେଶ ହିଁ ଜୀବନ । – ପରିବେଶୋ ହି ଜୀବନମ୍।

୩୬। ବୃକ୍ଷ ଆମର ବନ୍ଧୁ । – ବୃକ୍ଷଃ ଅସ୍ମାକଂ ବନ୍ଧୁଃ।

୩୭। ଏବେ ମୋ ବାପା ଦିଲ୍ଲୀରେ ରହୁଛନ୍ତି । – ଅଧୁନା ମମ ପିତା ଦିଲ୍ଲ୍ୟାଂ ତିଷ୍ଠତି।

୩୮। ଘୋଡ଼ାଟି ଜୋର୍‌ରେ ଧାଉଁଛି । – ଅଶ୍ୱଃ ବେଗେନ ଧାବତି।

୩୯। ହାତୀ ଧୀରେ ଧୀରେ ଚାଲେ । – ଗଜଃ ମନ୍ଦଂ ମନ୍ଦଂ ଗଚ୍ଛତି ।

୪୦। ସେମାନେ ମାସେ ହେଲା ଭାଗବତ ପଢୁଛନ୍ତି । – ତେ ମାସଂ ଭାଗବତଂ ପଠନ୍ତି।

୪୧। ବୁଢ଼ା ବାପାଙ୍କ ସହିତ ନାତିମାନେ ଗାଁକୁ ଯିବେ । – ପିତାମହେନ ସାକଂ ନପ୍ତାରଃ ଗ୍ରାମଂ ଗମିଷ୍ୟନ୍ତି।

୪୨। ଅଜାଙ୍କ ସହ ମୁଁ ଢେଙ୍କାନାଳ ଯାଇଥିଲି । – ମାତାମହେନ ସାକମ୍ ଅହଂ ଢ଼େଙ୍କାନାଳମ୍ ଅଗଚ୍ଛମ୍।

୪୩। ମୋ ବଡ଼ବାପା କଟକରେ ରହୁଛନ୍ତି । - ମମ ଜ୍ୟେଷ୍ଠତାତଃ କଟକେ ତିଷ୍ଠତି।

୪୪। ମୋ କକା ଗାଁ ସ୍କୁଲରେ ଶିକ୍ଷକ ଅଛନ୍ତି। - ମମ ପିତୃବ୍ୟଃ / ଖୁଲ୍ଲତାତଃ ଗ୍ରାମବିଦ୍ୟାଳୟେ ଶିକ୍ଷକଃ ଅସ୍ତି।

୪୫। ତୁମ ମାମୁଁ ଏବେ କେଉଁଠି ଅଛନ୍ତି ? - ତବ ମାତୁଳଃ ଅଧୁନା କୁତ୍ର ଅସ୍ତି ?

୪୬। ଶିବଦତ୍ତର ସାନ ଭଉଣୀ ନନ୍ଦନକାନନରେ ବୁଲୁଛି । - ଶିବଦତ୍ତସ୍ୟ ଅନୁଜା ନନ୍ଦନକାନନେ ଭ୍ରମତି।

୪୭। ତା'ର ବଡ଼ ଭଉଣୀ ଆଜି ଏଠାକୁ ଆସିପାରେ। - ତସ୍ୟ ଅଗ୍ରଜା ଅଦ୍ୟ ଅତ୍ର ଆଗଚ୍ଛେତ୍।

୪୮। ଆଖୁର ପ୍ରକୃତି ମିଠା। - ଇକ୍ଷୁଃ / ଇକ୍ଷୁକାଣ୍ଡଃ ପ୍ରକୃତ୍ୟା ମଧୁରଃ।

୪୯। ବନବାସୀମାନେ ସ୍ୱଭାବରେ ସରଳ। - ବନବାସିନଃ ସ୍ୱଭାବେନ ସରଳାଃ ।

୫୦। ମୋ ମା' ଦେବତା ଅଟେ । - ମମ ମାତା ଦେବତା ଭବତି।

୫୧। ସେ ଆମକୁ ଖାଇବାକୁ ଦିଏ । - ସା ଅସ୍ମଭ୍ୟଂ ଖାଦ୍ୟଂ ଦଦାତି।

୫୨। ସେ ଜାତିରେ ବ୍ରାହ୍ମଣ ଅଟେ । - ସଃ ଜାତ୍ୟା ବ୍ରାହ୍ମଣଃ ଭବତି।

୫୩। ଲୋକଟିର ନାମ ଦେବୀପ୍ରସନ୍ନ ଅଟେ । - ଜନଃ ନାମ୍ନା ଦେବୀପ୍ରସନ୍ନଃ ଭବତି।

୫୪। ମୁଁ ଗୋତ୍ରରେ ଭରଦ୍ୱାଜ । - ଅହଂ ଗୋତ୍ରେଣ ଭରଦ୍ୱାଜଃ।

୫୫। ସେମାନେ ଯତ୍ନରେ ଲେଖିବା ଉଚିତ । - ତେ ଯତ୍ନେନ ଲିଖେୟୁଃ।

୫୬। ପାଞ୍ଚ ଟଙ୍କାରେ କଲମଟି କିଣିଲି । - ପଞ୍ଚଭିଃ ମୁଦ୍ରାଭିଃ କଲମଂ କ୍ରୀତବାନ୍।

୫୭। ତୁମେ ଦଶଟଙ୍କାରେ ଖଣ୍ଡିଏ ବହି ଆଣ । - ତ୍ୱଂ ଦଶଭିଃ ମୁଦ୍ରାଭିଃ ପୁସ୍ତକମ୍ ଆନୟ।

୫୮। ଗ୍ରାମବାସୀମାନେ ସ୍ୱଭାବରେ ଦୟାଳୁ । - ଗ୍ରାମବାସିନଃ ସ୍ୱଭାବେନ ଦୟାଳବଃ ।

୫୯। ମୂର୍ଖର ପାଠ କ'ଣ ଦରକାର । - ମୂର୍ଖସ୍ୟ ପାଠେନ କିମ୍ ?

୬୦। ଧନୀ ଲୋକର ଟଙ୍କା କ'ଣ ଦରକାର ? - ଧନିକସ୍ୟ ଧନେନ / ରୂପ୍ୟକେଣ କିମ୍ ?

୬୧। ଲୋକଟି ଶୀତରେ ଥରୁଥିଲା । - ଜନଃ ଶୀତାତ୍ କମ୍ପତେ ସ୍ମ।

୬୨। ପିଲାଟି ଶୀତରେ ଥରୁଛି । - ବାଳକଃ ଶୀତେନ କମ୍ପତେ।

୬୩। ଆଈ ମାସକରେ ଭାଗବତ ପଢ଼ିଲେ । - ମାତାମହୀ ମାସେନ ଭାଗବତମ୍ ଅପଠତ୍ ।

୬୪। ଏହିବାଟେ ସେମାନେ ଯାଆନ୍ତି । - ଅନେନ ମାର୍ଗେଣ ତେ ଗଚ୍ଛନ୍ତି।

୬୫। ମୁଁ ଜାତୀୟତାରେ ଭାରତୀୟ । - ଅହଂ ଜାତୀୟତୟା ଭାରତୀୟଃ।

୬୬। ମୋ ମାମୁଁ ଏବେ ଆସିଥିଲେ । - ମମ ମାତୁଳଃ ଅଧୁନା ଆଗଚ୍ଛତ୍।

୬୭। ତୁମେ କେଉଁବାଟେ ଯାଉଛ । - ତ୍ୱଂ କେନ ମାର୍ଗେଣ ଗଚ୍ଛସି ?

୬୮। ସେହିବାଟେ ଆପଣ ଯାଆନ୍ତୁ । - ତେନ ମାର୍ଗେଣ ଭବାନ୍ ଗଚ୍ଛତୁ।

୬୯। ଗରିବ ଲୋକ ଦୁଃଖରେ ଥାଏ । - ଦରିଦ୍ରଃ ଦୁଃଖେନ ତିଷ୍ଠତି।

୭୦। ମୁଁ ସୁଖରେ ଅଛି । - ଅହଂ ସୁଖେନ ଅସ୍ମି।

୭୧। ପିଲାମାନେ କ୍ରମରେ ଯାଆନ୍ତି । - ବାଳକାଃ କ୍ରମେଣ ଗଚ୍ଛନ୍ତି।

୭୨। ପିମ୍ପୁଡ଼ିମାନେ ଧାଡ଼ିରେ ଯାଆନ୍ତି । - ପିପୀଲିକାଃ ପଂକ୍ତ୍ୟା / ପଙ୍କ୍ତ୍ୟା ଗଚ୍ଛନ୍ତି।

୭୩। ମୁଁ ହାତରେ ଖାଏ । – ଅହଂ ହସ୍ତେନ ଖାଦାମି।

୭୪। ବଡ଼ ଭାଇ ସାଙ୍ଗରେ ସାନଭାଇ ପାଠ ପଢ଼େ । – ଅଗ୍ରଜେନ ସହ ଅନୁଜଃ ପାଠଂ ପଠତି।

୭୫। ବର୍ଷକରେ ମାମୁଁ ଏଠାକୁ ଆସନ୍ତି । – ବର୍ଷେଣ ମାତୁଳଃ ଅତ୍ର ଆଗଚ୍ଛତି।

୭୬। ତୁମେ କ'ଣ ଜାଣିଛ ? – ତ୍ୱଂ କିଂ ଜାନାସି ?

୭୭। ଘରେ ଚାଉଳ ନାହିଁ । – ଗୃହେ ତଣ୍ଡୁଳଃ ନାସ୍ତି।

୭୮। ବାପା ଘରେ ନାହାଁନ୍ତି । – ପିତା ଗୃହେ ନାସ୍ତି।

୭୯। ଗଣେଶ ଶିବଙ୍କ ପୁଅ । – ଗଣେଶଃ ଶିବସ୍ୟ ପୁତ୍ରଃ।

୮୦। ମା' ମୋ ଉପରେ ରାଗିଛନ୍ତି । – ମାତା ମହ୍ୟଂ କ୍ରୁଧ୍ୟତି।

୮୧। ମୋ ବାପା ସ୍ୱଭାବରେ ସରଳ । – ମମ ପିତା ସ୍ୱଭାବେନ ସରଳଃ।

୮୨। ପ୍ରଧାନଶିକ୍ଷକ ତୁମକୁ ପୁରସ୍କାର ଦେବେ । – ପ୍ରଧାନଶିକ୍ଷକଃ ତୁଭ୍ୟଂ ପୁରସ୍କାରଂ ଦାସ୍ୟତି।

୮୩। ଭିକାରିକୁ ସମସ୍ତେ ଭିକ ଦିଅନ୍ତି । – ଭିକ୍ଷୁକାୟ ସର୍ବେ ଭିକ୍ଷାଂ ଦଦତି।

୮୪। ଶିକ୍ଷକ ମୋତେ ପୁରସ୍କାର ଦେବେ । – ଶିକ୍ଷକଃ ମହ୍ୟଂ ପୁରସ୍କାରଂ ଦାସ୍ୟତି।

୮୫। ଛୋଟପିଲାକଥା ସମସ୍ତଙ୍କୁ ଭଲ ଲାଗେ । – ଶିଶୁବାକ୍ୟଂ ସର୍ବେଭ୍ୟଃ ରୋଚତେ।

୮୬। ବାପା ଯାହା କୁହନ୍ତି ତାହା କରେ । – ପିତା ଯତ୍ ବଦତି ତତ୍ କରୋମି।

୮୭। ତୁମେ କାହାଠାରୁ ଧାର କରିଛ ? – ତ୍ୱଂ କସ୍ମୈ ଧାରୟସି ?

୮୮। ମୁଁ କାହାରିଠାରୁ ଧାର କରୁ ନାହିଁ । – ଅହଂ କସ୍ମୈ ନ ଧାରୟାମି।

୮୯। ସେ ମୋଠାରୁ ଧାର କରିଛି । – ସଃ ମହ୍ୟଂ ଧାରୟତି।

୯୦। ଗୋବିନ୍ଦ ମୋତେ ଈର୍ଷ୍ୟା କରେ । – ଗୋବିନ୍ଦଃ ମହ୍ୟମ୍ ଈର୍ଷ୍ୟତି।

୯୧। ମୁଁ ତୁମକୁ ଈର୍ଷା କରୁନାହିଁ । – ଅହଂ ତୁଭ୍ୟଂ ନ ଈର୍ଷ୍ୟାମି।

୯୨। ସେମାନଙ୍କୁ ଦହି ଭଲ ଲାଗେ । – ତେଭ୍ୟଃ ଦଧି ରୋଚତେ।

୯୩। କୃଷ୍ଣକଥା ଅତି ମଧୁର । – କୃଷ୍ଣକଥା ନିତରାଂ ମଧୁରା।

୯୪। ବସନ୍ତରେ କୋଇଲି ରାବେ । – ବସନ୍ତେ କୋକିଳଃ କୂଜତି।

୯୫। ତୁମକୁ ମୁଁ ପ୍ରଣାମ କରୁଛି । – ଅହଂ ତ୍ୱାଂ ନମାମି / ନମସ୍କରୋମି ।

୯୬। ମୋତେ ପଇଡ଼ପାଣି ଭଲ ଲାଗେ । – ମହ୍ୟଂ ନାରୀକେଳଜଳଂ ସ୍ୱଦତେ।

୯୭। ଲତାରୁ ଫୁଲଗୁଡ଼ିକୁ ଆଣ । – ଲତାୟାଃ ପୁଷ୍ପାଣି ଆନୟ।

୯୮। ଲତାରେ ଫୁଲଗୁଡ଼ିକ ଶୋଭା ପାଉଛି । – ଲତାୟାଂ ପୁଷ୍ପାଣି ଶୋଭନ୍ତେ।

୯୯। ଚାରିଜଣ ଝିଅ ସେଠାରେ ଖେଳୁଥିଲେ । – ଚତସ୍ରଃ ବାଳିକାଃ ତତ୍ର ଅଖେଳନ୍।

୧୦୦। ଦଶରଥଙ୍କର ତିନି ରାଣୀ ଥିଲେ । – ଦଶରଥସ୍ୟ ତିସ୍ରଃ ରାଜ୍ଞ୍ୟଃ ଆସନ୍।

୧୦୧। ତାଙ୍କର ଚାରି ପୁଅ ଥିଲେ । – ତସ୍ୟ ଚତ୍ୱାରଃ ପୁତ୍ରାଃ ଆସନ୍।

୧୦୨। ସେ ମୋତେ କାହିଁକି ଡରୁଛି । – ସଃ ମତ୍ କଥଂ ବିଭେତି ?

୧୦୩। ତୁମେ ମୋତେ ଡରୁଛ କି ? – ତ୍ୱଂ ମତ୍ ବିଭେଷି କିମ୍ ?

୧୦୪। ମୁଁ ତୁମକୁ ଡରୁ ନାହିଁ । – ଅହଂ ତ୍ୱତ୍ ନ ବିଭେମି।

୧୦୫। ସେମାନେ ବାଘକୁ ଡରନ୍ତି । – ତେ ବ୍ୟାଘ୍ରାତ୍ ବିଭ୍ୟତି।

୧୦୬। ମାଆକୁ କୃଷ୍ଣ ଲୁଚନ୍ତି । – ମାତୁଃ ନିଲୀୟତେ କୃଷ୍ଣଃ।

୧୦୭। ପିଲାଟି ତୁମକୁ ଲୁଚୁଛି । – ଶିଶୁଃ ତ୍ୱତ୍ ନିଲୀୟତେ ।

୧୦୮। ତୁମେ ମୋତେ କାହିଁକି ଲୁଚୁଛ ? – ତ୍ୱଂ ମତ୍ କଥଂ ନିଲୀୟସେ ?

୧୦୯। ଗାଁ ବାହାରେ ମଶାଣି ଅଛି । – ଗ୍ରାମାତ୍ ବହିଃ ଶ୍ମଶାନମ୍ ଅସ୍ତି।

୧୧୦। ସ୍କୁଲ ବାହାରେ ପଡ଼ିଆ ଅଛି । – ବିଦ୍ୟାଳୟାତ୍ ବହିଃ ପ୍ରାନ୍ତରମ୍ ଅସ୍ତି ।

୧୧୧। ସେମାନେ କାହାରିକୁ ଡରୁନାହାନ୍ତି । – ତେ କସ୍ମାତ୍ ନ ବିଭ୍ୟତି।

୧୧୨। ମୋତେ ସେମାନେ ଘୃଣା କରୁଛନ୍ତି । – ତେ ମତ୍ ଜୁଗୁପ୍ସନ୍ତେ।

୧୧୩। ତୁମେ କାହାକୁ ଘୃଣା କରୁଛ ? – ତ୍ୱଂ କସ୍ମାତ୍ ଜୁଗୁପ୍ସସେ ?

୧୧୪। ପିଲାମାନେ ଖେଳରୁ ନିବୃତ୍ତ ହେଉ ନାହାଁନ୍ତି । – ବାଳାଃ କ୍ରୀଡ଼ନାତ୍ ନ ବିରମନ୍ତି।

୧୧୫। ପଢ଼ିବା ପରେ ଭୋଜନ କର । – ପଠନାତ୍ ପରଂ ଭୋଜନଂ କୁରୁ।

୧୧୬। ମୁଁ ପିଲାଦିନୁ ଆମିଷ ଖାଏ ନାହିଁ । – ବାଲ୍ୟାଦ୍ ଅହଂ ନିରାମିଷାଶୀ।

୧୧୭। ଆଜିଠାରୁ ସତ କୁହ । – ଅଦ୍ୟ ଆରଭ୍ୟ ସତ୍ୟଂ ବଦ।

୧୧୮। କାଲି ଠାରୁ ଏଠାରେ ପ୍ରଶିକ୍ଷଣ ହେବ । – ଶ୍ୱଃ ଆରଭ୍ୟ ଅତ୍ର ପ୍ରଶିକ୍ଷଣଂ ଭବିଷ୍ୟତି।

୧୧୯। ଦେଶର ଉତ୍ତର ପଟେ କ'ଣ ଅଛି ? – ଦେଶସ୍ୟ ଉତ୍ତରେଣ କିମ୍ ଅସ୍ତି ?

୧୨୦। ଗାଁର ଦକ୍ଷିଣ ପଟେ ମନ୍ଦିର ଅଛି । – ଗ୍ରାମସ୍ୟ ଦକ୍ଷିଣାତ୍ ମନ୍ଦିରମ୍ ଅସ୍ତି।

୧୨୧। ଘର ବାହାରେ ପିଲାମାନେ ଖେଳିବେ । – ଗୃହାତ୍ ବହିଃ ବାଳକାଃ କ୍ରୀଡ଼ିଷ୍ୟନ୍ତି।

୧୨୨। ଗାଁ ପାଖରେ ସ୍କୁଲ ଅଛି । – ଗ୍ରାମାତ୍ ଆରାତ୍ ବିଦ୍ୟାଳୟଃ ଅସ୍ତି।

୧୨୩। ଲୋକଟି ବିପଦରୁ ମୁକୁଳିଲା । – ଜନଃ ବିପଦଃ ମୁକ୍ତଃ।

୧୨୪। କିଏ ସ୍କୁଲ ଯିବ ଆସୁ । – କଃ ବିଦ୍ୟାଳୟଂ ଗମିଷ୍ୟତି ଆଗଚ୍ଛତୁ।

୧୨୫। ସେ ତୁମେ ଓ ମୁଁ ନାଟକ ଦେଖିବା । – ସଃ ତ୍ୱମ୍ ଅହଂ ଚ ନାଟକଂ ଦ୍ରକ୍ଷ୍ୟାମଃ।

୧୨୬। ତୁମ ବିନା ଦୁଃଖରୁ କିଏ ରକ୍ଷା କରିବ ? – ତ୍ୱାଂ ବିନା ଦୁଃଖାତ୍ କଃ ରକ୍ଷିଷ୍ୟତି ?

୧୨୭। ଦିନକୁ ତିନିଥର ଆମେ ଖାଉ । – ଦିବସସ୍ୟ ତ୍ରିଃ ବୟଂ ଖାଦାମଃ।

୧୨୮। ବର୍ଷକୁ ଦୁଇଥର ବାପା ପୁରୀ ଯାଆନ୍ତି । – ପିତା ବର୍ଷସ୍ୟ ଦ୍ୱିଃ ପୁରୀଂ ଗଚ୍ଛତି।

୧୨୯। ମାସକୁ ସାତଥର ମାନସ ଏଠାକୁ ଆସେ । – ମାନସଃ ମାସସ୍ୟ ସପ୍ତକୃତ୍ୱଃ ଅତ୍ର ଆଗଚ୍ଛତି।

୧୩୦। ଶିକ୍ଷକ ମାସକୁ ତିନିଥର ଗାଁକୁ ଯାଆନ୍ତି । – ଶିକ୍ଷକଃ ମାସସ୍ୟ ତ୍ରିଃ ଗ୍ରାମଂ ଗଚ୍ଛତି।

୧୩୧। ପ୍ରଭୁଦତ୍ତ ମା'କୁ ମନେ ପକାଉଛି । – ପ୍ରଭୁଦତ୍ତଃ ମାତୁଃ ସ୍ମରତି।

୧୩୨। ଆପଣମାନେ ଦୟା କରି ସଭାସ୍ଥଳକୁ ଆସନ୍ତୁ । – ଭବନ୍ତଃ କୃପୟା ସଭାସ୍ଥଳମ୍ ଆଗଚ୍ଛନ୍ତୁ।

୧୩୩। ଛାତ୍ରମାନେ ନମ୍ର ହୁଅନ୍ତୁ । – ଛାତ୍ରାଃ ନମ୍ରାଃ ଭବନ୍ତୁ।

୧୩୪। ଗାଁର ଚାରିଆଡ଼େ ଦୀପ ଜଳୁଛି । – ଗ୍ରାମଂ ସର୍ବତଃ ଦୀପାଃ ଜ୍ୱଳନ୍ତି।

୧୩୫। ତୁମେ କାହିଁକି ମିଛ କହୁଛ ? – ତ୍ୱଂ କଥଂ ମିଥ୍ୟା ବଦସି ?

୧୩୬। ହେ ଭାଇ ! ତୁମର ମଙ୍ଗଳ ହେଉ। – ଭୋ ଭ୍ରାତଃ ! ତବ ମଙ୍ଗଳଂ ଭବତୁ।

୧୩୭। ଭୋକିଲା ଲୋକକୁ ଖାଇବାକୁ ଦିଅ । – କ୍ଷୁଧାର୍ତ୍ତାୟ ଖାଦ୍ୟଂ ଦେହି।

୧୩୮। ଗଛ ତଳେ ଗାଈଟି ଶୋଇଛି । – ବୃକ୍ଷସ୍ୟ ଅଧଃ ଗୌଃ ଶେତେ।

୧୩୯। ପିଲାମାନେ ଦିନରେ ପାଞ୍ଚଥର ଦୁଧ ପିଅନ୍ତି । – ବାଳକାଃ ଦିବସସ୍ୟ ପଞ୍ଚକୃତ୍ୱଃ ଦୁଗ୍ଧଂ ପିବନ୍ତି।

୧୪୦। ମୁଁ ତୁମକୁ ଭଲ ଭାବେ ଜାଣେ । – ଅହଂ ତ୍ୱାଂ ସମ୍ୟକ୍ ଜାନାମି।

୧୪୧। ରାସ୍ତାର ଦୁଇପଟେ ଗଛଗୁଡ଼ିଏ ଅଛି । – ମାର୍ଗମ୍ ଉଭୟତଃ ବୃକ୍ଷାଃ ସନ୍ତି।

୧୪୨। ସୂର୍ଯ୍ୟ ଉଇଁଲେ ପଦ୍ମ ଫୁଟେ । – ସୂର୍ଯ୍ୟେ ଉଦିତେ ପଦ୍ମଂ ବିକସତି।

୧୪୩। ମୁଁ ଚାହୁଁ ଚାହୁଁ କାଉ ପିଠା ନେଇଗଲା। – ମମ ପଶ୍ୟତଃ/ମୟି ପଶ୍ୟତି କାକଃ ପିଷ୍ଟକମ୍ ଅନୟତ୍।

୧୪୪। ଅନ୍ଧଟିର ହାତଧରି ମୁଁ ଆଣିଲି । – ଅନ୍ଧଂ କରେ ଧୃତ୍ୱା ଅହମ୍ ଆନୟମ୍।

୧୪୫। ମୋ ଉପରେ ତୁମେ କାହିଁକି ବିରକ୍ତ ? – ତ୍ୱଂ କଥଂ ମୟି ବିରକ୍ତଃ ?

୧୪୬। ସାନ ଭାଇକୁ ସ୍ନେହ କର। – ଅନୁଜେ ତ୍ୱଂ ସ୍ନେହଂ କୁରୁ।

୧୪୭। ମା' ମୋତେ ଭଲ ପାଏ । – ମାତା ମୟି ସ୍ନିହ୍ୟତି।

୧୪୮। ତିନି ଭୁବନରେ ତୁମେ ରାଜା ହେବାକୁ ଯୋଗ୍ୟ। – ତ୍ରିଭୁବନସ୍ୟ ପ୍ରଭୁତ୍ୱଂ ତ୍ୱୟି ଯୁଜ୍ୟତେ।

୧୪୯। ପ୍ରାଣୀମାନଙ୍କ ମଧ୍ୟରେ ମନୁଷ୍ୟ ଶ୍ରେଷ୍ଠ । – ପ୍ରାଣିଷୁ ମନୁଷ୍ୟଃ ଶ୍ରେଷ୍ଠଃ।

୧୫୦। ଗୁରୁଜନମାନଙ୍କୁ ଭକ୍ତି କର । – ଗୁରୁଜନେଷୁ ଭକ୍ତିଂ କୁରୁ।

୧୫୧। ଜୟଦେବଙ୍କର ଜଗନ୍ନାଥଙ୍କ ଠାରେ ଭକ୍ତି ଥିଲା । – ଜୟଦେବସ୍ୟ ଜଗନ୍ନାଥେ ଭକ୍ତିଃ ଆସୀତ୍।

୧୫୨। ନନ୍ଦିକାର ମୋ ଠାରେ ବିଶ୍ୱାସ ନ ଥିଲା । – ନନ୍ଦିକାୟାଃ ମୟି ବିଶ୍ୱାସଃ ନାସୀତ୍।

୧୫୩। ମା' ପିଲାମାନଙ୍କୁ ସ୍ନେହ କରେ । – ମାତା ସନ୍ତାନେଷୁ ସ୍ନିହ୍ୟତି।

୧୫୪। ବାପା ପୁଅକୁ ବିଶ୍ୱାସ କରନ୍ତି । – ପିତା ପୁତ୍ରେ ବିଶ୍ୱସିତି।

୧୫୫। ତୁମେ ମୋତେ ବିଶ୍ୱାସ କରୁନାହଁ । – ତ୍ୱଂ ମୟି ନ ବିଶ୍ୱସିଷି।

୧୫୬। ସେମାନଙ୍କର ମୋ ଉପରେ ସ୍ନେହ ଅଛି । – ତେଷାଂ ମୟି ସ୍ନେହଃ ଅସ୍ତି।

୧୫୭। ହେ ଅଚ୍ୟୁତ ମୋତେ ରକ୍ଷା କର । – ହେ ଅଚ୍ୟୁତ ! ମାଂରକ୍ଷ।

୧୫୮। ସଭିଏଁ ପଢ଼ନ୍ତୁ ସଭିଏଁ ବଢ଼ନ୍ତୁ । – ସର୍ବେ ପଠନ୍ତୁ ସମୃଦ୍ଧାଃ ଚ ସନ୍ତୁ।

ସାଧାରଣତଃ ସଂସ୍କୃତଭାଷାରେ ଲେଖିବା ସମୟରେ ବିଭିନ୍ନ ଶବ୍ଦ ରୂପ, ଧାତୁରୂପକୁ ଶୁଦ୍ଧଭାବରେ ଲେଖିବା ଆବଶ୍ୟକ। ଅନେକ ସମୟରେ କାରକ ବିଭକ୍ତି ଓ ବିଶେଷଣର ଭ୍ରମାତ୍ମକ ପ୍ରୟୋଗ ଯୋଗୁଁ ବାକ୍ୟ ଅଶୁଦ୍ଧ ହୋଇଥାଏ। ତେଣୁ କେତେକ ସାଧାରଣ ଭ୍ରମ ହେଉଥିବା ବାକ୍ୟଗୁଡିକର ଆଦର୍ଶ ସଂଶୋଧନ ଅଭ୍ୟାସ କରିବା ପାଇଁ ପ୍ରଦତ୍ତ ହୋଇଛି।